प्रेस प्रकाशनी PRESS RELEASE

भारतीय रिज़र्व बैंक
RESERVE BANK OF INDIA

वेबसाइट : www.rbi.org.in/hindi
Website : www.rbi.org.in
ई-मेल/email : helpdoc@rbi.org.in

आज़ादी का अमृत महोत्सव

**संचार विभाग,** केंद्रीय कार्यालय, शहीद भगत सिंह मार्ग, फोर्ट, मुंबई-400001
**Department of Communication**, Central Office, Shahid Bhagat Singh Marg, Fort, Mumbai-400001 फोन/Phone: 022- 22660502

19 ଜୁନ୍, 2023

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଦି ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ ଲିମିଟେଡ୍, ରାଉରକେଲା (ଓଡିଶା) ଉପରେ ଆର୍ଥିକ ଜରିମାନା ଲାଗୁ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା, **09 ଜୁନ 2023** ର ଏକ ଆଦେଶ ଅନୁଯାୟୀ, ଦି ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ ଲିମିଟେଡ୍, ରାଉରକେଲା (ବ୍ୟାଙ୍କ) ଉପରେ ଆରବିଆଇ ଦ୍ୱାରା ଜାରି ନିଜ ଗ୍ରାହକଙ୍କୁ ଜାଣନ୍ତୁ (କେୱାଇସି) ନିର୍ଦ୍ଦେଶନାମା ଏବଂ ପ୍ରାଥମିକ (ଅର୍ବାନ) କୋଅପରେଟିଭ୍ ବ୍ୟାଙ୍କ ଦ୍ୱାରା ଜମା ଖାତା ର ପରିଚାଳନ ସମ୍ବନ୍ଧିତ ନିର୍ଦ୍ଦେଶାବଳୀ ପାଳନ ନକରିଥିବା ହେତୁ/ ଉଲ୍ଲଂଘନ କରିଥିବା ହେତୁ, **₹6.00 ଲକ୍ଷ** (ଛଅ ଲକ୍ଷ ଟଙ୍କା ମାତ୍ର) ଜରିମାନା ଲଗା ଯାଇଅଛି| ବ୍ୟାଙ୍କିଙ୍ଗ ନିୟମାବଳୀ ଅଧିନିୟମ, **1949** ର ଧାରା **47** ଏ **(1)** (ସି) ସହ ପଠିତ ଧାରା **46 (4) (i)** ଏବଂ ଧାରା **56** ଦ୍ୱାରା ପ୍ରଦତ୍ତ କ୍ଷମତା ବଳରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା, ଉପରୋକ୍ତ ନିର୍ଦେଶାବଳୀକୁ ପାଳନ କରିବାରେ ବ୍ୟାଙ୍କର ବିଫଳତାକୁ ଧ୍ୟାନରେ ରଖି, ଏହି ଜରିମାନା ଲାଗୁ କରାଯାଇଅଛି|

ଏହି ଦଣ୍ଡାଦେଶ, ନିୟମର ପରିଲକ୍ଷିତ ତ୍ରୁଟି ଉପରେ ଆଧାରିତ ଏବଂ ଏହାର ଗ୍ରାହକ ମାନଙ୍କ ସହିତ ବ୍ୟାଙ୍କ ଦ୍ୱାରା ହୋଇଥିବା କୌଣସି କାରବାର କିମ୍ବା ଚୁକ୍ତିର ବୈଧତା ଉପରେ ପ୍ରଯୁଜ୍ୟ ନୁହେଁ|

**ପୃଷ୍ଠଭୂମି**

**31** ମାର୍ଚ୍ଚ **2021** ର ବ୍ୟାଙ୍କର ଆର୍ଥିକ ସ୍ଥିତି ଆଧାରିତ ନିରୀକ୍ଷଣ ରିପୋର୍ଟରୁ ଏହା ଜଣାପଡିଲା ଯେ ବ୍ୟାଙ୍କ **(i)** ବ୍ୟବସାୟର ପ୍ରକୃତି ଓ ପ୍ରମାଣ ସମ୍ବନ୍ଧରେ ଆବଶ୍ୟକ ଦସ୍ତାବେଜ ସଂଗ୍ରହ କରି ନ ଥିବା ହେତୁ ଏହା ଗ୍ରାହକ ସମ୍ବନ୍ଧିତ ସମୁଚିତ ସାବଧାନୀ ପ୍ରକ୍ରିୟା ସୁନିଶ୍ଚିତ କରିବାରେ ବିଫଳ ହୋଇଥିଲା **(ii)** ଗ୍ରାହକ ମାନଙ୍କ ସ୍ଥାନୀୟ ଠିକଣା ର ପୃଷ୍ଠି ନକରି ଖାତାରେ କାରବାର ର ଅନୁମତି ଦେଇଥିବା ହେତୁ ଏହା ଗ୍ରାହକ ଚିହ୍ନଟ ପ୍ରକ୍ରିୟା ସମ୍ବନ୍ଧିତ ନିର୍ଦେଶ ଗୁଡିକୁ ପାଳନ କରିବାରେ ବିଫଳ ହୋଇଥିଲା **(iii)** ଚେକବୁକ ଜାରି କରିବା ସମ୍ବନ୍ଧିତ ନିର୍ଦେଶ ଗୁଡିକର ପାଳନ କରିବାରେ ବିଫଳ ହୋଇଥିଲା| ଏହାକୁ ଆଧାର କରି, ବ୍ୟାଙ୍କକୁ ନିର୍ଦ୍ଦେଶନାମା ପାଳନ ନକରିଥିବା ହେତୁ କାହିଁକି ଦଣ୍ଡବିଧାନ କରାଯିବ ନାହିଁ ସେ ସମ୍ପର୍କରେ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା|

ବ୍ୟାଙ୍କର ଉତ୍ତର, ବ୍ୟକ୍ତିଗତ ଶୁଣାଣି ସମୟରେ କରାଯାଇଥିବା ମୌଖିକ ଉପସ୍ଥାପନା ଏବଂ ଏହା ଦ୍ୱାରା କରାଯାଇଥିବା ଅତିରିକ୍ତ ଦାଖଲ ଉପରେ ବିଚାର କରିବା ପରେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶକୁ ପାଳନ ନକରିବାର ଉପରୋକ୍ତ ଅଭିଯୋଗ ଗୁଡିକ ପ୍ରମାଣିତ ହୋଇଛି ଏବଂ ଆର୍ଥିକ ଦଣ୍ଡର ଆବଶ୍ୟକତା ଅଛି|

(ଯୋଗେଶ ଦୟାଲ)
ମୁଖ୍ୟ ଜେନେରାଲ ମ୍ୟାନେଜର

ପ୍ରେସ ବିଜ୍ଞପ୍ତି: **2023-2024/437**